

# ମହିଳା କିଷାନ୍ ସଶକ୍ତିକରଣ ପରିଯୋଜନା

RCDC

MKSP

SDTT



RCDC

**ମହିଳା କିଷାନ୍ ସଶକ୍ତିକରଣ ପରିଯୋଜନା**

MKSP

SDTT


| | | |
|---|---|---|
| ପ୍ରକାଶକ | : | ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍ |
| ପ୍ରକାଶକାଳ | : | ମାର୍ଚ୍ଚ ୨୦୧୪ |
| ଲେଖା ଓ ଅନୁବାଦ | : | ସବ୍ୟସାଚୀ ରଥ, ହେମନ୍ତ ବାଗ, ସୁରେଶ ଚନ୍ଦ୍ର ବିଷୋୟୀ |
| ଅକ୍ଷର | : | ଭାଗ୍ୟରଥି ସାହୁ |
| ଅଲଙ୍କରଣ | : | ରାମକୃଷ୍ଣ ମହାରଣା |
| ସହାୟତା | : | ଏମ୍‌କେଏସ୍‌ପି ଏବଂ ଏସ୍‌ଡିଟିଟି |
| ମୁଦ୍ରଣ | : | ଜଗନ୍ନାଥ ପ୍ରିଣ୍ଟର୍ସ, ଭୁବନେଶ୍ୱର |

# ସମ୍ପାଦକୀୟ

ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍ (ଆର୍‌ସିଡିସି) ଏକ ବେସରକାରୀ ସଂଗଠନ । ୧୯୯୩ ମସିହା ଠାରୁ ଏହା ଗୋଷ୍ଠୀଭିତ୍ତିକ ପ୍ରାକୃତିକ ସମ୍ବଳ ପରିଚାଳନା, ଜୀବନ ଜୀବିକା ତଥା ଏହାର ଗବେଷଣା ଏବଂ ତତ୍‌ସଂଲଗ୍ନ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ କରିଆସୁଅଛି । ୨୦୦୩ ମସିହା ଠାରୁ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାର ମୁନିଗୁଡ଼ା, ବିଷମକଟକ, ଗୁଣୁପୁର ଏବଂ ଚନ୍ଦ୍ରପୁର ଅଞ୍ଚଳରେ କୃଷିଜାତ ଦ୍ରବ୍ୟ, ଅଣକାଷ୍ଠ ବନଜାତ ଦ୍ରବ୍ୟ ଏବଂ ଜୈବ ସମ୍ବଳ ପରିଚାଳନା ଉପରେ କାର୍ଯ୍ୟ କରିଆସୁଅଛି । ସମ୍ପୃକ୍ତ ଅଞ୍ଚଳରେ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସମବାୟ ଗଠନ କରାଇ ସେମାନଙ୍କର ସଶକ୍ତିକରଣ କରାଇବା ସହିତ ଅଣକାଷ୍ଠ ବନଜାତ ଦ୍ରବ୍ୟ ଏବଂ କୃଷିଜାତ ଦ୍ରବ୍ୟର ସୁଲଭ, ଚିରନ୍ତନ ଅମଳ, ବର୍ଗୀକରଣ, ମୂଲ୍ୟଯୋଗ ଆଦି ବାବଦରେ ବୈଷୟିକ ତାଲିମ ତଥା ତାହାର ବ୍ୟବସାୟରେ ବୈଷୟିକ ସହାୟତା ପ୍ରଦାନ କରି ସେମାନଙ୍କର ଜୀବନ ଜୀବିକାର ଉନ୍ନତି ଲାଗି କାର୍ଯ୍ୟ କରିଆସିଥିଲା । ଏହାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଆଦିବାସୀ ସମ୍ପ୍ରଦାୟମାନଙ୍କର ଜୀବନ ଜୀବିକାରେ ଅଧିକ ଉନ୍ନତି ଆଣିବା ଲାଗି ନିମ୍ନୋକ୍ତ ପ୍ରକଳ୍ପ ହାତକୁ ନେଇଛି ।

ଏହି ପରିପ୍ରେକ୍ଷୀରେ ଆର୍‌ସିଡିସି, ଭୁବନେଶ୍ୱର ଦ୍ୱାରା ରାୟଗଡ଼ା ଜିଲ୍ଲାର ଗୁଣୁପୁର ଓ ମୁନିଗୁଡ଼ା ବ୍ଲକରେ ଭାରତ ସରକାରଙ୍କ 'ଜାତୀୟ ଗ୍ରାମୀଣ ଜୀବିକା ମିଶନ (ମହିଳା କିଷାନ୍ ସଶକ୍ତିକରଣ ପରିଯୋଜନା)' ଓ 'ସାର୍ ଦୋରାବଜୀ ଟାଟା ଟ୍ରଷ୍ଟ (ଏସ୍‌ଡିଟିଟି)'ର ମିଳିତ ସହାୟତାରେ ମହିଳା କିଷାନ୍‌ମାନଙ୍କ ଜୀବନ ଜୀବିକାର ସୁରକ୍ଷା ଓ ଉନ୍ନତି ପାଇଁ କାର୍ଯ୍ୟକ୍ରମ କରାଯାଉଅଛି ।

ଏହି ପ୍ରକଳ୍ପ ଜୁନ୍ ୨୦୧୩ ଠାରୁ ମଇ ୨୦୧୬ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ଏହି ପ୍ରକଳ୍ପକୁ ଗୁଣୁପୁର ବ୍ଲକର ଶଗଡ଼ା, ପୁଟାସିଂ, ଟଳନା, ଜଳତାର ପଞ୍ଚାୟତ ଏବଂ ମୁନିଗୁଡ଼ା ବ୍ଲକର ଦୁଇଟି ଗ୍ରାମ ପଞ୍ଚାୟତ ଟେଲେଙ୍ଗାପଦର, କୁମୁଡ଼ାବାହାଲରେ କାର୍ଯ୍ୟକାରୀ କରାଯାଉଅଛି । ଏହି ପ୍ରକଳ୍ପ ଦ୍ୱାରା ମୋଟ ୨୨୦୦ ମହିଳା କିଷାନ୍‌ଙ୍କୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯିବ । ଏହି ଗୋଷ୍ଠୀମାନଙ୍କ ମଧ୍ୟରୁ ସଂପୃକ୍ତ ଅଞ୍ଚଳରେ ଚାଲୁ ରହିଥିବା ଗୋଷ୍ଠୀମାନଙ୍କୁ ସଶକ୍ତିକରଣ କରାଯିବ ଏବଂ ଆବଶ୍ୟକ ସ୍ଥଳେ ନୂତନ ଗୋଷ୍ଠୀ ଗଠନ କରାଯିବ । ସେମାନଙ୍କ ଦ୍ୱାରା ଜୈବିକ ପଦ୍ଧତିରେ ପନିପରିବା, ଡାଲି ଜାତୀୟ ଫସଲ, କନ୍ଦା ଜାତୀୟ ଫସଲ, କ୍ଷୁଦ୍ର ଶସ୍ୟ ଦାନା (ମାଣ୍ଡିଆ, ଜନା, ସୁଆଁ, ଗୁରୁଜି ଇତ୍ୟାଦି), 'ଶ୍ରୀ' ପଦ୍ଧତିରେ ଧାନ ଓ ମାଣ୍ଡିଆ ଚାଷ କରାଯିବା ସହିତ ଉତ୍ପାଦକ ଗୋଷ୍ଠୀ ଗଠନ କରାଯିବା ଲାଗି ପ୍ରସ୍ତାବ ରଖାଯାଇଛି । ମହିଳା କିଷାନ୍‌ମାନେ କିପରି ସାମୁହିକ ଭାବେ ଉତ୍ପାଦକ ଗୋଷ୍ଠୀ ଗଠନ କରି ନିଜ କୃଷିଜାତ ସାମଗ୍ରୀର ବିକ୍ରିବଟା କରି ଆର୍ଥିକ ଉନ୍ନତି କରିପାରିବେ ଓ ସେମାନଙ୍କ ଜୀବନ ଧାରଣର ମାନଦଣ୍ଡରେ ଗୁଣାତ୍ମକ ପରିବର୍ତ୍ତନ ଅଣାଯାଇପାରିବ, ସେ ଦିଗରେ ଗୁରୁତ୍ୱ ଦିଆଯିବ । ଏଥିସହିତ ଭୂମିହୀନ ପରିବାରମାନଙ୍କୁ ଛେଳି ପାଳନ ପାଇଁ ପ୍ରସ୍ତାବ ରଖାଯାଇଛି, ଯାହାଦ୍ୱାରା ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ । ପ୍ରକଳ୍ପରେ ସ୍ଥାନୀୟ ଅଞ୍ଚଳର ଯୁବକ ଯୁବତୀମାନଙ୍କୁ ନେଇ ଗୋଷ୍ଠୀ ସମ୍ବଳ କର୍ମୀ (Community Resource Person) ଶ୍ରେଣୀ ଗଠନ କରାଯିବ ଓ ବିଭିନ୍ନ ତାଲିମ ଜରିଆରେ ସେମାନଙ୍କ ଦକ୍ଷତା ବୃଦ୍ଧି କରାଯାଇ ମହିଳା କିଷାନ୍‌ମାନଙ୍କର ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ସାହାଯ୍ୟ କରାଯିବ । ଏହାଦ୍ୱାରା ମାନବ ସମ୍ବଳର ବିକାଶ ହେବା ସହିତ ଗ୍ରାମସ୍ତରରେ କାର୍ଯ୍ୟକ୍ରମର ସଫଳ ରୂପାୟନ ଓ ପ୍ରକଳ୍ପର ସ୍ଥାୟିତ୍ୱ ସମ୍ଭବ ହୋଇପାରିବ ।

ପ୍ରକଳ୍ପର ସମସ୍ତ କାର୍ଯ୍ୟକ୍ରମ ମହିଳା ଗୋଷ୍ଠୀ ଓ ମହିଳା କିଷାନ୍‌ମାନଙ୍କର ସହଭାଗିତାରେ ପରିଚାଳିତ ହେବ । ଏହାଛଡ଼ା ମହିଳା କିଷାନ୍‌ମାନଙ୍କୁ ସଚେତନ କରାଯାଇ ସରକାରଙ୍କର ବିଭିନ୍ନ ଯୋଜନା, ଯଥା: ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, କୃଷି ଉଦ୍ୟାନ ମିଶନ ଇତ୍ୟାଦି କାର୍ଯ୍ୟକ୍ରମରେ ସଂଯୋଗୀକରଣ କରାଯିବା ପାଇଁ ପ୍ରଚେଷ୍ଟା କରାଯିବ । ସମସ୍ତ କାର୍ଯ୍ୟକ୍ରମର ସୂଚାରୁ ପରିଚାଳନା, ପ୍ରକଳ୍ପ ଅଞ୍ଚଳର ଗ୍ରାମବାସୀ ତଥା ମହିଳା ଗୋଷ୍ଠୀମାନଙ୍କ ସହଭାଗିତା ଓ ସ୍ୱଚ୍ଛତାକୁ ସୁନିଶ୍ଚିତ କରାଇବା ପାଇଁ ପ୍ରକଳ୍ପର କାର୍ଯ୍ୟକ୍ରମ ଓ ଆର୍ଥିକ ଅଟକଳକୁ ସର୍ବସାଧାରଣଙ୍କ ଅବଗତି ପାଇଁ ଉପସ୍ଥାପନ କରୁଛୁ ।

ଧନ୍ୟବାଦ ସହ

**(କୈଳାସ ଚନ୍ଦ୍ର ଦାସ)**
କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଆର୍‌ସିଡିସି

## ପ୍ରକଳ୍ପ ବିବରଣୀ

| | | |
|---|---|---|
| ଅନୁଷ୍ଠାନର ନାମ | : | ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ କୋଅପରେସନ୍ (ଆର୍‌ସିଡିସି) |
| ଯୋଗାଯୋଗ ଠିକଣା | : | ଏଚ୍‌ଆଇଜି-୨୬, କେ-୬ ହାଉସିଙ୍ଗ୍ ସ୍କିମ୍, ଫେଜ୍-୨<br>କଳିଙ୍ଗ ବିହାର, ଭୁବନେଶ୍ୱର - ୭୫୧ ୦୧୯ (ଓଡ଼ିଶା)<br>ଫୋନ୍ ନଂ. (୦୬୭୪) ୨୪୭୫୪୧୦, ୨୪୭୫୬୫୨<br>Email : rcdcbbsr@gmail.com, rcdcbbsr@bsnl.in<br>Website : www.rcdcindia.org, www.banajata.org |
| ପ୍ରକଳ୍ପର କାର୍ଯ୍ୟକ୍ଷେତ୍ର | : | ରାୟଗଡ଼ା ଜିଲ୍ଲାର ଗୁଣପୁର ବ୍ଲକ ଅନ୍ତର୍ଗତ ଶଗଡ଼ା, ପୁଟାସିଂ, ଟଳନା ଓ ଜଳତାର ଗ୍ରାମପଞ୍ଚାୟତ ଏବଂ ମୁନିଗୁଡ଼ା ବ୍ଲକର ଟେଲେଙ୍ଗାପଦର ଓ କୁମୁଡ଼ାବାହାଲ ଗ୍ରାମପଞ୍ଚାୟତ । |
| ପ୍ରକଳ୍ପର ନାମ | : | ଦକ୍ଷିଣ ଓଡ଼ିଶାରେ ମହିଳା କିଷାନ୍‌ମାନଙ୍କର ଜୀବନ ଜୀବିକାର ସୁରକ୍ଷାକୁ ସୁନିଶ୍ଚିତ କରିବା |
| ପ୍ରକଳ୍ପର ସମୟସୀମା | : | ଜୁନ୍ ୨୦୧୩ ମସିହାଠାରୁ ମେ ୨୦୧୬ ମସିହା ପର୍ଯ୍ୟନ୍ତ |

## ପ୍ରକଳ୍ପର ଲକ୍ଷ୍ୟ

ସମ୍ମାନ ସହିତ ଜୀବନ ନିର୍ବାହ କରିବା ଲାଗି ନିର୍ଦ୍ଦିଷ୍ଟ ଭିତ୍ତିଭୂମି ଭିତ୍ତିକ ଜୀବନଜୀବିକାର ବିକାଶ ସାଧନ ଏବଂ ଗୋଷ୍ଠୀଭିତ୍ତିକ ସଙ୍ଗଠନଗୁଡ଼ିକର ରାଜ୍ୟ ତଥା ବଜାର ବ୍ୟବସ୍ଥାରେ ମିଳିତ ଭାବେ ଦର କଷାକଷି ଶକ୍ତିର ଅଭିବୃଦ୍ଧି ମାଧ୍ୟମରେ ସଶକ୍ତିକରଣ କରାଯିବ ।

## ପ୍ରକଳ୍ପର ଉଦ୍ଦେଶ୍ୟ

ଦକ୍ଷିଣ ଓଡ଼ିଶା ଅନ୍ତର୍ଗତ ରାୟଗଡ଼ା ଜିଲ୍ଲାର ଗୁଣୁପୁର ଓ ମୁନିଗୁଡ଼ା ବ୍ଲକର ମହିଳା କିଷାନ୍ ଓ ସେମାନଙ୍କ ପରିବାରବର୍ଗଙ୍କ ଜୀବନଧାରଣ ମାନଦଣ୍ଡରେ ଗୁଣାତ୍ମକ ପରିବର୍ତ୍ତନ ।

| | | |
|---|---|---|
| ପ୍ରକଳ୍ପର ହିତାଧିକାରୀ ସଂଖ୍ୟା | : | ୨୨୦୦ ମହିଳା କିଷାନ୍ |
| ମୋଟ ଅଟକଳ | : | ୨,୮୫,୩୭,୬୯୫.୦୦ ଟଙ୍କା |
| ଭାରତ ସରକାରଙ୍କ ଜାତୀୟ ଗ୍ରାମୀଣ ଜୀବିକା ମିଶନ (ମହିଳା କିଷାନ୍ ସଶକ୍ତିକରଣ କାର୍ଯ୍ୟକ୍ରମ) | : | ୨,୧୪,୦୩,୨୭୧.୨୫ ଟଙ୍କା |
| ସାର୍ ଦୋରାବ୍‌ଜୀ ଟାଟା ଟ୍ରଷ୍ଟ | : | ୭୧,୩୪,୪୨୩.୭୫ ଟଙ୍କା |

## ପ୍ରକଳ୍ପର ପୃଷ୍ଠଭୂମି

ଦକ୍ଷିଣ ଓଡ଼ିଶା ଭାରତର ଏକ ପଛୁଆ ଏବଂ ଗରିବ ଅଞ୍ଚଳ ଅଟେ । ରାୟଗଡ଼ା ଜିଲ୍ଲାର ମହିଳାମାନେ କୃଷି କ୍ଷେତ୍ରରେ ଶତକଡ଼ା ୫୦ ଭାଗରୁ ଅଧିକ କାର୍ଯ୍ୟ କରିଥାନ୍ତି । ଚାରା ଲଗାଇବା ଠାରୁ ଆରମ୍ଭ କରି ବିହନ ସଂରକ୍ଷଣ ପର୍ଯ୍ୟନ୍ତ ସେମାନେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥାନ୍ତି; କିନ୍ତୁ ଜମି ଉପରେ ମାଲିକାନାସ୍ୱତ୍ତ୍ୱ ନଥିବା କାରଣରୁ ସରକାରୀ ଯୋଜନାରେ ପ୍ରଦାନ କରାଯାଉଥିବା ତାଲିମ୍, ସହାୟତା ତଥା କୃଷି ଋଣରୁ ସେମାନେ ବଞ୍ଚିତ ହୋଇଥାନ୍ତି । ଉତ୍ପାଦିତ ସାମଗ୍ରୀର ବିକ୍ରିବଟା କରିବା ଓ ରୋଜଗାର ଉପରେ ସେମାନଙ୍କର ନିୟନ୍ତ୍ରଣ ନଥାଏ ।

ଏହି ପରିପ୍ରେକ୍ଷୀରେ ଭାରତ ସରକାରଙ୍କ 'ଜାତୀୟ ଗ୍ରାମୀଣ ଜୀବିକା ମିଶନ'ଙ୍କର 'ମହିଳା କିଷାନ୍ ସଶକ୍ତିକରଣ ପରିଯୋଜନା' ରାୟଗଡ଼ା ଜିଲ୍ଲାର ମହିଳା କିଷାନ୍‌ମାନଙ୍କ ସ୍ଥିତି ତଥା ଜୀବନ ଜୀବିକାର ମାନଦଣ୍ଡରେ ଉନ୍ନତି ଆଣିବା ଦିଗରେ ଏକ ସୁଯୋଗ ସୃଷ୍ଟି କରିଛି । ଏହି ପ୍ରକଳ୍ପ ଜିଲ୍ଲାର ଗୁଣୁପୁର ଓ ମୁନିଗୁଡ଼ା ବ୍ଲକରେ କାର୍ଯ୍ୟକାରୀ କରାଯିବ । ଏହାଦ୍ୱାରା ପ୍ରକଳ୍ପ ଅଞ୍ଚଳରେ ୨୨୦୦ ମହିଳା କିଷାନ୍ ସିଧାସଳଖ ଭାବେ ଉପକୃତ ହେବା ସହିତ ଅଞ୍ଚଳର ଅନ୍ୟାନ୍ୟ ମହିଳା କିଷାନ୍‌ମାନେ ପରୋକ୍ଷ ଭାବେ ସଚେତନ ଓ ପ୍ରଭାବିତ ହେବେ । କାର୍ଯ୍ୟକ୍ରମର ପରିଚାଳନା ଓ ସଫଳ ରୂପାୟନ ପାଇଁ ପଞ୍ଚାୟତ ପ୍ରତିନିଧି ଓ ସରକାରୀ ବିଭାଗ ସହ ସମନ୍ୱୟ ରକ୍ଷା କରାଯିବ ।

ଏହି କାର୍ଯ୍ୟକ୍ରମରେ 'ମାଧମ ଫାଉଣ୍ଡେସନ୍' ଅନୁଷ୍ଠାନ ଜରିଆରେ ଛଅ ଗୋଟି ସହଯୋଗୀ ସଂସ୍ଥା ପ୍ରକଳ୍ପର କାର୍ଯ୍ୟକରିବା ଲାଗି ଆର୍ଥିକ ଅନୁଦାନ ପାଇବେ । ମାଧମ ଫାଉଣ୍ଡେସନ୍ ଆଇନତଃ ପ୍ରକଳ୍ପର ମୁଖ୍ୟ କାର୍ଯ୍ୟକାରୀ ସଂସ୍ଥା ଭାବେ କାର୍ଯ୍ୟ କରିବ । ଏହା ବ୍ୟତୀତ ହର୍ଷ ଟ୍ରଷ୍ଟ, ଆର୍‌ସିଡିସି, ଓପିଡିଏସ୍‌ସି, ପ୍ରଗତି ଓ ଚେତନା ଅର୍ଗାନିକ୍ ଅନୁଷ୍ଠାନ ଦକ୍ଷିଣ ଓଡ଼ିଶାର ରାୟଗଡ଼ା, ନବରଙ୍ଗପୁର, ମାଲକାନାଗିରି ଓ କୋରାପୁଟ ଜିଲ୍ଲାରେ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବେ ।

ଏହି ପ୍ରକଳ୍ପକୁ ଦକ୍ଷିଣ ଓଡ଼ିଶାର ମୋଟ ୪ଗୋଟି ଜିଲ୍ଲାରେ ନିଜର ସ୍ୱଳ୍ପ ଜମି ସମ୍ବଳ ଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଜୀବନ ଜୀବିକାରେ ଉନ୍ନତି ଲାଗି କାର୍ଯ୍ୟକାରୀ କରାଯିବ । ମୁଖ୍ୟତଃ ଏହିମାନେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ହୋଇଥିବେ ।

## ପ୍ରକଳ୍ପର ବିବରଣୀ

ଦକ୍ଷିଣ ଓଡ଼ିଶାରେ କାର୍ଯ୍ୟକାରୀ କରାଯାଉଥିବା ଏହି ପ୍ରକଳ୍ପ ସେଠାକାର ଅନୁସୂଚିତ ଜନଜାତି ତଥା ଅନୁସୂଚିତ ଜାତିବର୍ଗଙ୍କ ଜୀବନଧାରଣର ଗୁଣବତ୍ତା ବୃଦ୍ଧି ତଥା ସେମାନଙ୍କର ସାମୁହିକ ଦକ୍ଷତା ବୃଦ୍ଧି ଦିଗରେ ମୁଖ୍ୟତଃ କାର୍ଯ୍ୟ କରିବ । ତେବେ ଏହା ସହିତ ନିମ୍ନଲିଖିତ କାର୍ଯ୍ୟ କୌଶଳଗୁଡ଼ିକୁ ମଧ୍ୟ କାର୍ଯ୍ୟକାରୀ କରିବ ।

- ପ୍ରକଳ୍ପ ଦ୍ୱାରା ନିର୍ଦ୍ଧାରିତ ଗରିବ ଲୋକମାନଙ୍କର ଜୀବନ ଧାରଣ ଗୁଣବତ୍ତାରେ ଉଲ୍ଲେଖନୀୟ ବୃଦ୍ଧି କରାଇବା ।
- ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ପାଖରେ ସ୍ୱତନ୍ତ୍ର ଗୁଣ ଥାଏ । ତେବେ ଏହା ନିଜ ଭିତରେ ଲୁକ୍କାୟିତ ହୋଇ ରହିଯାଏ । ଏହି ପ୍ରକଳ୍ପ ଆଦିବାସୀ ତଥା ଅନୁସୂଚିତ ଜନଜାତିଙ୍କର ଜୀବନ ଜୀବିକାର ଉନ୍ନତିରେ ଏହି ସ୍ୱତନ୍ତ୍ର ଗୁଣ ବା ଅଭିଜ୍ଞତାଗୁଡ଼ିକୁ ବ୍ୟବହାର କରିବ । ଏହାଦ୍ୱାରା ଗୋଟିଏ ଗୋଷ୍ଠୀ ଓ ଅନ୍ୟଗୋଷ୍ଠୀ ଭିତରେ ପାରସ୍ପରିକ ଜ୍ଞାନକୌଶଳର ବିନିମୟ ହୋଇପାରିବ ।





- ସମ୍ବଳର ଆବଣ୍ଟନ କରାଯିବା ଏହି ପ୍ରକଳ୍ପର ଅନ୍ୟ ଏକ ପ୍ରମୁଖ ଲକ୍ଷ୍ୟ ଅଟେ ।
- ଅନେକ ଅଞ୍ଚଳର କେତେକ ବ୍ୟକ୍ତି ବିଶେଷ ବା ଗୋଷ୍ଠୀ ଅଛନ୍ତି, ଯାହାଙ୍କର ସଫଳ କାର୍ଯ୍ୟଶୈଳୀ ନିକଟସ୍ଥ ଅଞ୍ଚଳଠାରୁ ସମ୍ପୂର୍ଣ୍ଣ ଭାବେ ଅଲଗା ଧରଣର ଅଟେ । ଏହି ପ୍ରକଳ୍ପ ସହାୟତାରେ ସଫଳ କାର୍ଯ୍ୟଶୈଳୀଗୁଡ଼ିକୁ ବିସ୍ତାର କରାଯିବା, ଏହାର ଗୁଣବତ୍ତା ବୃଦ୍ଧି କରାଯିବା ଏବଂ ଏଥିରୁ ଶିଖି ଅନ୍ୟକୁ ଶିଖାଇବା ଭଳି କାର୍ଯ୍ୟ କରାଯିବ ।
- ପ୍ରକଳ୍ପର କାର୍ଯ୍ୟଶୈଳୀରେ ସାଧୁତା, ସ୍ୱଚ୍ଛତା ତଥା ଉତ୍ତରଦାୟିତ୍ୱତା ପ୍ରତି ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯିବ ।

## ପଦକ୍ଷେପ



ପ୍ରକଳ୍ପର ପ୍ରମୁଖ କାର୍ଯ୍ୟକଳାପଗୁଡ଼ିକ ନିମ୍ନରେ ଉଲ୍ଲେଖ କରାଗଲା।

- ମହିଳା କିଷାନ୍‌ମାନଙ୍କର ବ୍ୟକ୍ତିଗତ ସବିଶେଷ ବିବରଣୀ ଉଲ୍ଲେଖ ଏବଂ ପରିବାର ସର୍ବେକ୍ଷଣ କରାଯିବ ।
- 'ଶ୍ରୀ' ପଦ୍ଧତିରେ ଧାନ ଚାଷ, କ୍ଷୁଦ୍ର ଶସ୍ୟ ଦାନା (ମାଣ୍ଡିଆ, ଜନା, ସୁଆଁ, ଗୁରୁଜି ଇତ୍ୟାଦି), ଡାଲି ଜାତୀୟ ଫସଲ, ଘରବାଡ଼ିରେ ପୁଷ୍ଟିକର ଖାଦ୍ୟଯୁକ୍ତ ଫସଲର ଚାଷ, କନ୍ଦା ଜାତୀୟ ଫସଲ, ଜୈବିକ ପଦ୍ଧତିରେ ପନିପରିବା ଚାଷ ଏବଂ ଛେଳି ପାଳନକୁ ଖୁବ୍ ଗୁରୁତ୍ୱ ପ୍ରଦାନ କରାଯିବ ।
- ଗ୍ରାମ ବା ପଞ୍ଚାୟତ ସ୍ତରରେ ଉତ୍ପାଦକ ଗୋଷ୍ଠୀ ଏବଂ ଉତ୍ପାଦକ ସମବାୟ ଗଠନ କରାଯାଇ ତାହାର ସଶକ୍ତିକରଣ କରାଯିବ ।
- ସ୍ଥାନୀୟ ଗୋଷ୍ଠୀରେ ଥିବା ସଚେତନ ଯୁବକ ଯୁବତୀଙ୍କୁ ଚିହ୍ନଟ କରାଯାଇ ତାଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରାଯିବ । ଉକ୍ତ ଯୁବକ ଯୁବତୀଙ୍କୁ 'ଗୋଷ୍ଠୀ ସାଧନ କର୍ମୀ' (Community Resource Person) ବୋଲି କୁହାଯିବ ।

## ଅଞ୍ଚଳ ଏବଂ ଏହାର ଗୋଷ୍ଠୀ

- ଏହି ଅଞ୍ଚଳର ପ୍ରାୟ ସମସ୍ତ ଜମି ଢାଲୁ ବା ଗଡ଼ାଣିଆ ଅଟେ । ତେଣୁ ସେହି ଜମିଗୁଡ଼ିକରେ ଜଳ ସଞ୍ଚୟ କରିବା ତଥା ଜଳସେଚନ ଖୁବ କଷ୍ଟକର କିମ୍ବା ଆଦୌ ସମ୍ଭବ ହୋଇପାରିନଥାଏ ।
- ଅଧିକାଂଶ କ୍ଷେତ୍ରରେ ଜମିଗୁଡ଼ିକ ଅନୁର୍ବର ଅଟେ ।
- କୃଷିଜାତ ଦ୍ରବ୍ୟ ଏବଂ ଅଣକାଷ୍ଠ ବନଜାତ ଦ୍ରବ୍ୟର ସର୍ବନିମ୍ନ ସହଯୋଗ ରାଶି ମଧ ମିଳିପାରୁନାହିଁ ।
- ଅଣ କୃଷି କ୍ଷେତ୍ରରେ ଏହି ଅଞ୍ଚଳର ଯୋଗଦାନ ନିରାଶଜନକ ଅଟେ ।
- ମହିଳାମାନଙ୍କର ଶିକ୍ଷାଗତ ଯୋଗ୍ୟତା ସର୍ବନିମ୍ନ ଏବଂ ଚିନ୍ତାଜନକ ଅଟେ, ଯେଉଁ କାରଣ ଲାଗି ସେମାନେ ନିଜର ଅଧିକାର ଏବଂ ସଫଳତା ଲାଗି ସଚେତନ ହୋଇପାରୁନାହାନ୍ତି ।
- ସମ୍ପୃକ୍ତ ଅଞ୍ଚଳ ଅତ୍ୟଧିକ ଭାବେ ମ୍ୟାଲେରିଆପ୍ରବଣ ଅଟେ ।
- ଅଧିକାଂଶ ଅଞ୍ଚଳକୁ ପହଞ୍ଚିବା ଲାଗି ଗମନାଗମନ ରାସ୍ତା କଷ୍ଟକର ଅଟେ । ତେଣୁ ବ୍ୟବସାୟ ସୁଚାରୁ ରୂପେ ସମ୍ଭବ ହୋଇପାରୁନାହିଁ ।
- ସମ୍ପୃକ୍ତ ଅଞ୍ଚଳକୁ ସରକାରୀ ସହଯୋଗ, ଅନୁଦାନ ଯାଉଥିଲେ ହେଁ, ତାହା ସେହି ଅଞ୍ଚଳ ଲାଗି ଉପଯୁକ୍ତ ହେଉନଥିବାରୁ ସେଠାର ଅଧିବାସୀଙ୍କର କାର୍ଯ୍ୟରେ ଲାଗିପାରୁନାହିଁ ।
- ଉଭୟ ସରକାରୀ ତଥା ବେସରକାରୀ ଅନୁଷ୍ଠାନମାନଙ୍କ ଦ୍ୱାରା ଏହି ଅଞ୍ଚଳରେ ବୃହତ ଜୀବନ ଜୀବିକା ଭିତ୍ତିକ ପ୍ରକଳ୍ପ ସ୍ଥାପିତ ବା କାର୍ଯ୍ୟକାରୀ ହୋଇପାରିନାହିଁ ।

ଏହା ସ୍ଥିର କରାଯାଇଅଛି ଯେ, ଏହି 'ମହିଳା କିଷାନ୍ ସଶକ୍ତିକରଣ ପରିଯୋଜନା' ପ୍ରକଳ୍ପକୁ ଓଡ଼ିଶାର ରାୟଗଡ଼ା ଜିଲ୍ଲା ଅନ୍ତର୍ଗତ ଗୁଣପୁର ଏବଂ ମୁନିଗୁଡ଼ା ବ୍ଲକର ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବର୍ଗ, ଯେଉଁମାନଙ୍କର ସ୍ୱଳ୍ପ ଜମିଥିବ ଏବଂ ଯେଉଁମାନେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଥିବେ ସେହିମାନଙ୍କ ଲାଗି ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ ।

## ଅଞ୍ଚଳର ସମସ୍ୟା

ପ୍ରକଳ୍ପ ଅଞ୍ଚଳରେ କୃଷି ବିଶେଷକରି ମହିଳା କିଷାନ୍ମାନଙ୍କର ଜୀବନଜୀବିକାରେ ନିମ୍ନଲିଖିତ ସମସ୍ୟା ସବୁ ରହିଛି ।

- ସଂପୃକ୍ତ ଅଞ୍ଚଳରେ ମହିଳା କିଷାନ୍ମାନେ କୃଷି କାର୍ଯ୍ୟ କରୁଥିଲେ ହେଁ, ସେମାନେ ବର୍ତ୍ତମାନ ସୁଧା ଏକତ୍ରିତ କିମ୍ବା ସଙ୍ଗଠିତ ହୋଇପାରିନାହାନ୍ତି । ଏହାର କାରଣ ପରସ୍ପର ଭିତରେ ଆବଶ୍ୟକ ସଂଯୋଗ ହୋଇପାରିନାହିଁ ।



- ଅଧିକାଂଶ ମହିଳା ତଥା ପରିବାରର ଖୁବ୍ ସ୍ୱଳ୍ପ ଚାଷ ଉପଯୋଗୀ ଜମି ରହିଛି । ସ୍ୱଳ୍ପ ଚାଷଜମିରୁ କିଭଳି ଅଧିକ ଶସ୍ୟ ଉତ୍ପାଦନ କରିହେବ, ତାହା ବାବଦରେ ମହିଳା କିଷାନ୍‌ମାନଙ୍କର ଜ୍ଞାନକୌଶଳ ଓ ଦକ୍ଷତାର ଅଭାବ ରହିଛି । ତେଣୁ କୃଷି କ୍ଷେତ୍ରରେ ସେମାନଙ୍କର ଅଗ୍ରଗତି ହୋଇପାରୁନାହିଁ ।
- ସରକାରଙ୍କ ଦ୍ୱାରା କୃଷି କ୍ଷେତ୍ରରେ ଉନ୍ନତି ଲାଗି ପ୍ରଦାନ କରାଯାଉଥିବା ସୁବିଧା ସୁଯୋଗ, କୃଷିଋଣ ଆଦି ବାବଦରେ ସେମାନେ ଅବଗତ ହୋଇପାରୁନାହାନ୍ତି ଏବଂ ଏହାର ସୁଫଳ ପାଇପାରୁନାହାନ୍ତି । ତେଣୁ ସେମାନେ ଆବଶ୍ୟକ ସୁବିଧାସୁଯୋଗ ତଥା ଋଣ ପାଇବାରୁ ବଞ୍ଚିତ ହେଉଛନ୍ତି ।
- ପ୍ରକଳ୍ପର ଅଧିକାଂଶ ଅଞ୍ଚଳ ଅଣ ଜଳସେଚିତ ତଥା ମରୁଡ଼ି ପ୍ରବଣ ଅଞ୍ଚଳ ଅଟେ । ତେଣୁ ସେଠାରେ ଉତ୍ପାଦିତ ହେଉଥିବା ଫସଲ ମୁଖ୍ୟତଃ ବର୍ଷାଜଳ ଉପରେ ନିର୍ଭରଶୀଳ । ଏହି କାରଣରୁ ବର୍ଷାଋତୁ ବାଦ୍ ଅନ୍ୟ ଋତୁରେ ଫସଲ ଉତ୍ପାଦନ ପ୍ରାୟତଃ ସମ୍ଭବ ହୋଇପାରିନଥାଏ ।
- ବଜାର ବ୍ୟବସ୍ଥା, ଦ୍ରବ୍ୟର ବର୍ତ୍ତମାନ ମୂଲ୍ୟ ବାବଦରେ ତଥ୍ୟ ନରଖିବା, ସମ୍ମିଳିତ ଭାବେ ଦ୍ରବ୍ୟର ମୂଲ୍ୟ କଷାକଷି ନକରିବା କାରଣରୁ ନିଜର କଷ୍ଟଲବ୍ଧ ଶସ୍ୟକୁ ସ୍ୱଳ୍ପ ମୂଲ୍ୟରେ ବିକ୍ରି କରିବା, ମଧ୍ୟସ୍ଥି ତଥା ଖୁଚୁରା ବେପାରୀଙ୍କ ଶୋଷଣର ଶିକାର ହେବା ଆଦି ଘଟୁଛି । ଏହାଦ୍ୱାରା ଚାଷୀ ନିଜ ପରିଶ୍ରମର ପ୍ରକୃତ ମୂଲ୍ୟ ପାଇପାରୁନାହିଁ ।
- କୃଷି କ୍ଷେତ୍ରରେ ବିଫଳ ହେବା, ଫସଲ ନଷ୍ଟ ହେବା ଏବଂ ନିଜ ଗ୍ରାମରେ ରୋଜଗାର ନପାଇବା କାରଣରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ।

## ସୁଯୋଗ

- ପ୍ରକଳ୍ପ ଦ୍ୱାରା ଆଧାରିତ ଗୋଷ୍ଠୀ ତଥା ମହିଳା କିଷାନ୍‌ମାନଙ୍କର ଜୀବନ ଜୀବିକାରେ ଉନ୍ନତି ଲାଗି ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନା ଯଥା ଏମ୍.ଜି.ଏନ୍.ଆର୍.ଇ.ଜି.ଏ, ଜଳଛାୟା ମିଶନ୍, ଜାତୀୟ ହର୍ଟିକଲ୍‌ଚର ମିଶନ୍, ଓର୍‌ମାସ୍ ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନା ସହିତ ଏହି ପ୍ରକଳ୍ପର ଯୋଜନାର ସମନ୍ୱୟ ବା ଏକତ୍ରୀକରଣ କରାଯିବ ।

## ପ୍ରକଳ୍ପର କାର୍ଯ୍ୟକାରିତା ପ୍ରଣାଳୀ

ପ୍ରକଳ୍ପର ସଫଳ କାର୍ଯ୍ୟକାରିତା ଲାଗି ନିମ୍ନଲିଖିତ ଉପାୟ ଅବଲମ୍ବନ କରାଯିବ ।

- ସ୍ଥାନୀୟ ଅଞ୍ଚଳରେ ଜମିର ଗୁଣାତ୍ମକ ମାନ ବୃଦ୍ଧି, ଜଳସେଚନ ତଥା କୃଷି ଉପକରଣ, ସାମଗ୍ରୀର ବିନିଯୋଗ ଓ ବ୍ୟବହାର ମାଧ୍ୟମରେ ସମ୍ବଳ ଓ ଶ୍ରମର ସୁବିନିଯୋଗ ଓ ଉତ୍ପାଦନ ବୃଦ୍ଧି ସହ ମହିଳା କିଷାନ୍‌ମାନଙ୍କୁ ଆବଶ୍ୟକତା ଅନୁଯାୟୀ ତାଲିମ୍ କାର୍ଯ୍ୟକ୍ରମ ଦ୍ୱାରା ଦକ୍ଷତା ବୃଦ୍ଧି କରିବା ।
- ମହିଳା ସଂଗଠନ/ଅନୁଷ୍ଠାନ ଗଠନ, ପ୍ରକଳ୍ପର ସଫଳ ଯୋଜନା, ପରିଚାଳନା ଓ କାର୍ଯ୍ୟକାରୀ କରିବା ସହ ସ୍ଥାନୀୟ ଜୀବନ ଜୀବିକାର ସୁରକ୍ଷା କରିବା ।
- ସ୍ଥାନୀୟ ଯୁବଗୋଷ୍ଠୀର ଦକ୍ଷତା ବୃଦ୍ଧି ଜରିଆରେ ଗୋଷ୍ଠୀ ସାଧନ କର୍ମୀ ସୃଷ୍ଟି କରିବା ।
- ମହିଳା କିଷାନ୍ ଓ ଗୋଷ୍ଠୀମାନଙ୍କୁ ସଂଗଠିତ କରି ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ତଥା କୃଷି ସାମଗ୍ରୀର ଅଭାବୀ ବିକ୍ରି ହ୍ରାସ କରିବା ।

# ମହିଳା କିଷାନ୍ ସଶକ୍ତିକରଣ ପରିଯୋଜନା

## (ଜୁନ୍ ୨୦୧୩ରୁ ମେ ୨୦୧୬)

### ପ୍ରକଳ୍ପର ମୁଖ୍ୟ ଫଳାଫଳ

- ୨୨୦୦ ମହିଳା କିଷାନ୍‌ଙ୍କ ବ୍ୟକ୍ତିଗତ ବିବରଣୀ ପ୍ରସ୍ତୁତ କରାଯିବ।
- ପ୍ରକଳ୍ପର ସମ୍ପୂର୍ଣ୍ଣ ବିବରଣୀକୁ ପ୍ରକଳ୍ପରେ ସଂପୃକ୍ତ ଅନୁଷ୍ଠାନର କର୍ମୀଙ୍କ ଦ୍ୱାରା ପ୍ରସ୍ତୁତ କରାଯିବ।
- ଜୈବ ପଦ୍ଧତିରେ ପନିପରିବା ଚାଷ ସମ୍ବନ୍ଧୀୟ ୧୦୮୩ ସଂଖ୍ୟକ ପୁସ୍ତିକା ମୁଦ୍ରଣ କରାଯିବ।
- ଗୋଷ୍ଠୀ ସମ୍ବଳ କର୍ମୀମାନଙ୍କ ପାଇଁ 'ଶ୍ରୀ' ପ୍ରଣାଳୀ ଚାଷ, ପନିପରିବା, ଶସ୍ୟ ଜାତୀୟ ଓ ଡାଲି ଜାତୀୟ ଫସଲ ବିଷୟରେ ୫୮ ସଂଖ୍ୟକ ବ୍ୟବହାରିକ ପୁସ୍ତିକା ମୁଦ୍ରଣ କରାଯିବ।
- ୨୨ ସଂଖ୍ୟକ ପ୍ରଶିକ୍ଷଣ ପୁସ୍ତିକା ପ୍ରସ୍ତୁତ କରାଯାଇ ମୁଦ୍ରଣ କରାଯିବ।
- ପ୍ରଶିକ୍ଷଣ ଲାଗି ଦୃଶ୍ୟଶ୍ରାବ୍ୟ (audio-visual) ବ୍ୟବସ୍ଥା ଥିବା ୯ଗୋଟି ତାଲିମ ମଡେଲର ଉନ୍ନତିକରଣ, ନଥିକରଣ କରାଯିବ।
- 'ଶ୍ରୀ' ପ୍ରଣାଳୀ ଚାଷ ସମ୍ପର୍କୀତ ୨୫୦ ଗୋଟି ପ୍ରଚାର ପତ୍ର ଓଡ଼ିଆରେ ମୁଦ୍ରଣ କରାଯିବ।
- ପ୍ରକଳ୍ପର ୧ଟି ବୈଷୟିକ ମୂଳଲେଖ ପ୍ରସ୍ତୁତ କରାଯିବ।
- ୧୮୩ ଉତ୍ପାଦକ ଗୋଷ୍ଠୀର ବିକାଶ ସାଧାନ କରାଯାଇ ସୁଦୃଢ଼ୀକରଣ କରାଯିବ।
- ୨ ଗୋଟି ଉତ୍ପାଦକ ସମବାୟ ପଞ୍ଜିକରଣ କରାଯିବ।
- ୧୦୦୦ ମହିଳା କିଷାନ୍ ଉତ୍ପାଦକ ସମବାୟର ଅଂଶଧନ ପ୍ରଦାନକାରୀ ସଭ୍ୟା ହେବେ।
- ୧୨୦୦ ମହିଳା କିଷାନ୍ 'ଶ୍ରୀ' ପ୍ରଣାଳୀ ମାଧ୍ୟମରେ ଧାନ ଚାଷ କରିବେ।
- ୧୦୦୦ ମହିଳା କିଷାନ୍ ଜୈବିକ ପଦ୍ଧତିରେ ପନିପରିବା ଚାଷ କରିବେ।
- ୧୦୦୦ ପରିବାରର ଫସଲ ଯୋଜନା ପ୍ରସ୍ତୁତି କରାଯିବ।
- ୨୦୦ ଭୂମିହୀନ ମହିଳା କିଷାନ୍‌ଙ୍କ ଘରବାଡ଼ିରେ ଛେଳିପାଳନ ଲାଗି ୨ଟି ମାଈ ଓ ଗୋଟିଏ ଅଣ୍ଡିରା ଛେଳି ପ୍ରଦାନ କରାଯିବ।
- ୪୪ ଗୋଷ୍ଠୀ ସମ୍ବଳ କର୍ମୀମାନଙ୍କ (Community Resource Person) ଲାଗି ଉତ୍ପାଦକ ଗୋଷ୍ଠୀ ଗଠନ ଓ ପ୍ରଭାବୀ ପରିଚାଳନା ପାଇଁ ୨ଗୋଟି ତାଲିମ୍ ପ୍ରଦାନ କରାଯିବ।
- ୩୭୦ ସଂଖ୍ୟକ ଉତ୍ପାଦକ ଗୋଷ୍ଠୀର ନେତ୍ରୀମାନଙ୍କୁ ଦଳର ପରିଚାଳନା ଓ ନଥିକରଣ ପାଇଁ ୧୩ ଗୋଟି ତାଲିମ୍ ପ୍ରଦାନ କରାଯିବ।

- ୧୧୦୦ ସଂଖ୍ୟାକ ଉତ୍ପାଦକ ଗୋଷ୍ଠୀ ନେତ୍ରୀ (ସଦସ୍ୟା)ଙ୍କୁ ଉତ୍ପାଦକ ସମବାୟର ଗଠନ ଓ ସୁଦୃଢ଼ୀକରଣ ପାଇଁ ତାଲିମ୍ ଦିଆଯିବ ।
- ୬୦ ଜଣ ଉତ୍ପାଦକ ଗୋଷ୍ଠୀ ନେତ୍ରୀଙ୍କୁ ସମବାୟର ପରିଚାଳନା ଓ ସମବାୟର ବିପଣନ (Marketing) ସମ୍ବନ୍ଧରେ ତାଲିମ୍ ପ୍ରଦାନ କରାଯିବ ।
- ୪୪ ଜଣ ଗୋଷ୍ଠୀ ସାଧନ କର୍ମୀ (CRP)ଙ୍କୁ 'ଶ୍ରୀ' ପ୍ରଣାଳୀରେ ଧାନ ଚାଷ ଓ ଚିରନ୍ତନ କୃଷି ସମ୍ବନ୍ଧରେ ତାଲିମ୍ ପ୍ରଦାନ କରାଯିବ ।
- ୪୪ ଜଣ ଗୋଷ୍ଠୀ ସାଧନ କର୍ମୀ (CRP)ଙ୍କୁ ଧାନ ଓ ପନିପରିବାର ଚାରା ସୁରକ୍ଷା ଏବଂ ଆନ୍ତଃଚାଷ ସମ୍ବନ୍ଧରେ ତାଲିମ୍ ପ୍ରଦାନ କରାଯିବ ।
- ୪୪ ଜଣ ଗୋଷ୍ଠୀ ସାଧନ କର୍ମୀ (CRP)ଙ୍କୁ ମୃତ୍ତିକା ପରୀକ୍ଷା ଓ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ସମ୍ବନ୍ଧରେ ତାଲିମ୍ ପ୍ରଦାନ କରାଯିବ ।
- ୪୪ ଜଣ ଗୋଷ୍ଠୀ ସାଧନ କର୍ମୀ (CRP)ଙ୍କୁ ଶସ୍ୟ ଯୋଜନା ଓ ଜୈବିକ ପଦ୍ଧତିରେ ପନିପରିବା ଚାଷ ସମ୍ବନ୍ଧରେ ତାଲିମ୍ ପ୍ରଦାନ କରାଯିବ ।
- ୪୪ ଜଣ ଗୋଷ୍ଠୀ ସାଧନ କର୍ମୀ (CRP)ଙ୍କୁ ମଞ୍ଜି ପରିଚାଳନା ଜ୍ଞାନକୌଶଳ (ମଞ୍ଜି ଚୟନ, ଉପଚାର ଓ ସାଇତି ରଖିବା), ବାଛିବା, ଛୋଟ ବଡ଼ ଅଲଗା କରିବା, ଭଲ ଓ ଖରାପକୁ ଅଲଗା କରିବା ଏବଂ ପନିପରିବା ସୁରକ୍ଷା ଭଣ୍ଡାର ସମ୍ବନ୍ଧରେ ତାଲିମ୍ ପ୍ରଦାନ କରାଯିବ ।
- ୪୪ ଜଣ ଗୋଷ୍ଠୀ ସାଧନ କର୍ମୀ (CRP)ଙ୍କୁ ସମନ୍ୱିତ ଛେଳି ପାଳନ ସମ୍ବନ୍ଧରେ ତାଲିମ୍ ପ୍ରଦାନ କରାଯିବ ।
- ୪୪ ଜଣ ଗୋଷ୍ଠୀ ସାଧନ କର୍ମୀ (CRP)ଙ୍କୁ ସମନ୍ୱିତ କ୍ଷୁଦ୍ର ଦାନା ଶସ୍ୟ ଚାଷ (ମାଣ୍ଡିଆ, ସୁଆଁ, ଗୁରୁଜି, ଜନା ଇତ୍ୟାଦି) ସମ୍ବନ୍ଧରେ ତାଲିମ୍ ପ୍ରଦାନ କରାଯିବ ।
- ୪୪ ଜଣ ଗୋଷ୍ଠୀ ସାଧନ କର୍ମୀ (CRP)ଙ୍କୁ ସମନ୍ୱିତ ଡାଲି ଜାତୀୟ ଫସଲ (କାନ୍ଦୁଲ, ବିରି, ମୁଗ ଇତ୍ୟାଦି)ର ସଫଳ ଅଭ୍ୟାସ ସମ୍ବନ୍ଧରେ ତାଲିମ୍ ପ୍ରଦାନ କରାଯିବ ।
- ୧୨୭୦ ଜଣ ମହିଳା କିଷାନ୍‌ଙ୍କୁ ମୃତ୍ତିକା ପରୀକ୍ଷା ଓ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ସମ୍ବନ୍ଧରେ ତାଲିମ୍ ପ୍ରଦାନ କରାଯିବ ।
- ୧୨୭୦ ଜଣ ମହିଳା କିଷାନ୍‌ଙ୍କୁ ଶସ୍ୟ ଯୋଜନା ଏବଂ ଜୈବିକ ପଦ୍ଧତିରେ ପନିପରିବା ଚାଷ ସମ୍ବନ୍ଧରେ ତାଲିମ୍ ପ୍ରଦାନ କରାଯିବ ।
- ୧୨୭୦ ଜଣ ମହିଳା କିଷାନ୍‌ଙ୍କୁ ବିହନ କୌଶଳ ଜ୍ଞାନ (ବିହନ ଚୟନ, ଉପଚାର ଓ ସାଇତି ରଖିବା, ବାଛିବା, ଛୋଟ ବଡ଼ ଅଲଗା କରିବା, ଭଲ ଓ ଖରାପକୁ ଅଲଗା କରିବା ) ଏବଂ ପନିପରିବା ସୁରକ୍ଷା ସହିତ ଶୀତଳ ଭଣ୍ଡାର ସମ୍ବନ୍ଧରେ ତାଲିମ୍ ପ୍ରଦାନ କରାଯିବ ।
- ୨୬୫୦ ଜଣ ମହିଳା କିଷାନ୍‌ଙ୍କୁ 'ଶ୍ରୀ' ପ୍ରଣାଳୀରେ ଧାନ ଚାଷ ଓ ଚିରନ୍ତନ କୃଷି ସମ୍ବନ୍ଧରେ ତାଲିମ୍ ପ୍ରଦାନ କରାଯିବ ।
- ୨୬୫୦ ଜଣ ମହିଳା କିଷାନ୍‌ଙ୍କୁ ମୌଳିକ କୃଷି (ଧାନ ଓ ପନିପରିବାର ଚାରା ସୁରକ୍ଷା ଏବଂ ଅନ୍ତଃ କୋଡାଖୋସା) ସମ୍ବନ୍ଧରେ ତାଲିମ୍ ପ୍ରଦାନ କରାଯିବ ।

- ୧୨୭୦ ଜଣ ମହିଳା କିଷାନ୍‌ଙ୍କୁ ସମନ୍ୱିତ କ୍ଷୁଦ୍ର ଦାନା ଶସ୍ୟ ଚାଷ (ମାଣ୍ଡିଆ, ସୁଆଁ, ଗୁରୁଜି ଇତ୍ୟାଦି) ସମ୍ବନ୍ଧରେ ତାଲିମ୍ ପ୍ରଦାନ କରାଯିବ।
- ୧୨୭୦ ଜଣ ମହିଳା କିଷାନ୍‌ଙ୍କୁ ସମନ୍ୱିତ ଡାଲି ଜାତୀୟ ଫସଲ (କାନ୍ଦୁଲ, ବିରି, ମୁଗ ଇତ୍ୟାଦି)ର ସଫଳ ଅଭ୍ୟାସ ସମ୍ବନ୍ଧରେ ତାଲିମ୍ ପ୍ରଦାନ କରାଯିବ।
- ୨୦୦ ଭୂମିହୀନ ମହିଳା କିଷାନ୍‌ଙ୍କୁ ସମନ୍ୱିତ ଛେଳି ପାଳନ ସମ୍ବନ୍ଧରେ ତାଲିମ୍ ପ୍ରଦାନ କରାଯିବ ଏବଂ ସଫଳ ଛେଳି ଚାଷ କରିଥିବା ୫୦ଜଣ ସଭ୍ୟାଙ୍କୁ ଗୋଟିଏ ଥର ତାଲିମ୍ ଦିଆଯିବ।
- ୩ ବର୍ଷ ମଧ୍ୟରେ ୨ଟି ଜିଲ୍ଲାସ୍ତରୀୟ କର୍ମଶାଳା (Interface) ଆୟୋଜନ କରାଯିବ।
- ୩ ବର୍ଷ ମଧ୍ୟରେ ୩୦୦ ମହିଳା କିଷାନ୍ ଜିଲ୍ଲାସ୍ତରୀୟ କର୍ମଶାଳା (Interface)ରେ ଅଂଶଗ୍ରହଣ କରିବେ।
- ୩ ବର୍ଷ ମଧ୍ୟରେ ପଞ୍ଚାୟତିରାଜ ଅନୁଷ୍ଠାନର ସଭ୍ୟଙ୍କୁ ତାଲିମ୍ ପ୍ରଦାନ କରାଯିବ।
- ୩ ବର୍ଷ ମଧ୍ୟରେ ୧୨୦ଜଣ ପଞ୍ଚାୟତିରାଜ ଅନୁଷ୍ଠାନ ସଭ୍ୟଙ୍କୁ ପ୍ରକଳ୍ପର କାର୍ଯ୍ୟକ୍ରମ ସମ୍ବନ୍ଧରେ ତାଲିମ୍ ଦିଆଯିବ।
- ୩ ବର୍ଷ ମଧ୍ୟରେ ରାଜ୍ୟସ୍ତରୀୟ କର୍ମଶାଳା ଏବଂ ପ୍ରଦର୍ଶନୀ ଆୟୋଜନ କରାଯିବ।
- ୩ ବର୍ଷ ମଧ୍ୟରେ ଶହ ଶହ ମହିଳା କିଷାନ୍ ଏବଂ ଅନ୍ୟାନ୍ୟ ଅଂଶ ଗ୍ରହଣକାରୀ ବାର୍ଷିକ ସମ୍ମିଳନୀରେ ଯୋଗଦାନ କରିବେ।
- ୪୪ ଜଣ ଗୋଷ୍ଠୀ ସାଧନ କର୍ମୀଙ୍କୁ ପ୍ରଦର୍ଶନୀ କ୍ଷେତ୍ରକୁ ପରିଦର୍ଶନ ପାଇଁ ନିଆଯିବ।
- ୪୩୩ ଜଣ ମହିଳା କିଷାନ୍‌ଙ୍କୁ ପ୍ରଦର୍ଶନୀ କ୍ଷେତ୍ରକୁ ପରିଦର୍ଶନ ପାଇଁ ନିଆଯିବ।
- ୨ଟି ମହିଳା ସମବାୟକୁ ୨ବର୍ଷ ନିମନ୍ତେ ଅଫିସ୍ ପରିଚାଳନା ଲାଗି ଘରଭଡ଼ା ସହାୟତା ପ୍ରଦାନ କରାଯିବ।
- ୨ଟି ମହିଳା ସମବାୟକୁ ୨ସେଟ୍ (ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ) କମ୍ପ୍ୟୁଟର ସାହାଯ୍ୟ ଦିଆଯିବ।
- ୨ଟି ଉତ୍ପାଦନକାରୀ ଗୋଷ୍ଠୀକୁ ୨ଟି ମୃତ୍ତିକା ପରୀକ୍ଷା ଯନ୍ତ୍ରପାତି ବାକ୍ସ ସହଯୋଗ ଦିଆଯିବ।
- ୨୨୦୦ ମହିଳା କିଷାନ୍‌ଙ୍କୁ ଖମ୍ବଆଳୁ ଓ ଶିମିଳି କନ୍ଦାର ମଞ୍ଜି ସହଯୋଗ କରାଯିବ।
- ୨୦୦୦ ମହିଳା କିଷାନ୍‌ଙ୍କୁ ଶ୍ରମ ଲାଘବ ଉପକରଣ ଯଥା ୨୦୦୦ଟି ଖୁସୁଣି ସହଯୋଗ ଦିଆଯିବ।
- ୨୦୦୦ ଜଣ ମହିଳା କିଷାନ୍‌ଙ୍କୁ ଶ୍ରମ ଲାଘବ ଉପକରଣ ଯଥା ୨୦୦ଟି ଉନ୍ନତ ମାନର ଦା' ସହଯୋଗ ଦିଆଯିବ।
- ୨୦୦୦ ମହିଳା ଚାଷୀଙ୍କୁ ଜୈବିକ ସାର ଓ ଜୈବିକ କୀଟନାଶକ ତିଆରି କରିବା ଉପରକଣ ସହଯୋଗ ଦିଆଯିବ।
- ୨୦୦୦ ମହିଳା କିଷାନ୍‌ଙ୍କୁ ଶ୍ରମ ଲାଘବ ଉପକରଣ ଯଥା ୨୦୦୦ ଘାସବଛା ଯନ୍ତ୍ର ସହଯୋଗ ଦିଆଯିବ।
- ୨୨୦୦ ମହିଳା କିଷାନ୍‌ଙ୍କୁ ଶ୍ରମ ଲାଘବ ଉପକରଣ ଯଥା ସ୍ପ୍ରିଙ୍କଲର (ଜଳ ସିଞ୍ଚନ ଯନ୍ତ୍ର) ସହଯୋଗ ଦିଆଯିବ।
- ୨୦୦ ଭୂମିହୀନ ମହିଳା କିଷାନ୍‌ଙ୍କୁ ୨ଟି ମାଇଛେଳି ଓ ୧ଟି ଅଣ୍ଡିରା ଛେଳି କିଣିବା ପାଇଁ ଏବଂ ଛେଳି ଗୁହାଳ ଘର ପ୍ରସ୍ତୁତି ନିମନ୍ତେ ୧୩,୨୦୦ ଟଙ୍କା ଋଣ ଉତ୍ପାଦକ ଗୋଷ୍ଠୀ ମାଧ୍ୟମରେ ସହଯୋଗ ଦିଆଯିବ।

- ୧୦୦୦ ମହିଳା କିଷାନ୍‌ଙ୍କୁ (ବିନା ଶକ୍ତିରେ ପରିଚାଳିତ ଶୀତଳ ଭଣ୍ଡାର) ତିଆରି କରିବା ନିମନ୍ତେ ସହଯୋଗ ଦିଆଯିବ।
- ୧୬୭ ସ୍ୱୟଂ ସହାୟକ ଗୋଷ୍ଠୀ/ଉତ୍ପାଦନକାରୀ ଗୋଷ୍ଠୀଙ୍କୁ ଶ୍ରମ ଲାଘବ ଉପକରଣ ହିସାବରେ ୩୩୪ ମାଣ୍ଡୁଆ ଘାସବଛା ଯନ୍ତ୍ର ସହଯୋଗ ଦିଆଯିବ।
- ୮୪ଟି ଉତ୍ପାଦକ ଗୋଷ୍ଠୀଙ୍କୁ ଓଜନ ମାପକ ଯନ୍ତ୍ର ଏବଂ ପ୍ଲାଷ୍ଟିକ ପାତ୍ର ସେଟ୍ କିଣିବା ନିମନ୍ତେ ସହଯୋଗ ଦିଆଯିବ।
- ୨ଟି ସମବାୟକୁ ୪ଟି କରି ସର୍ବମୋଟ ୮ଟି ମୃତ୍ତିକା ପରୀକ୍ଷା ଉପକରଣ ସହଯୋଗ ଦିଆଯିବ।
- ପ୍ରତ୍ୟେକ ଉତ୍ପାଦକ ଗୋଷ୍ଠୀଙ୍କୁ ୧୫,୦୦୦ ଟଙ୍କାର କାର୍ଯ୍ୟକାରୀ ପୁଞ୍ଜି ଦିଆଯିବ।
- ୨ଟି ପନିପରିବା ଚାଷୀ ମହିଳା ସମବାୟକୁ ୩୦,୦୦୦ ଟଙ୍କା ଲେଖାଏଁ ପ୍ରତ୍ୟେକକୁ କାର୍ଯ୍ୟକାରୀ ମୂଳଧନ ସହଯୋଗ ଦିଆଯିବ।
- ୨ଟି ଶସ୍ୟ ପାଣ୍ଠି ଗଠନ କରିବା ନିମନ୍ତେ ସହଯୋଗ କରାଯିବ।
- ୨ଟି ସଫଳ ଅଭ୍ୟାସ ଚିହ୍ନଟ, ପୁସ୍ତକିକରଣ, ପ୍ରକାଶନ ଓ ପ୍ରସାରଣ କରାଯିବ।
- ୨୨୦୦ ମହିଳା କିଷାନ୍‌ଙ୍କର ଭିତ୍ତିରେଖା ତଥ୍ୟ ଏବଂ ପରିବାର ସର୍ବେକ୍ଷଣ କରାଯିବ।
- ୧୧୦୦ ମହିଳା କିଷାନ୍‌ଙ୍କର ଶେଷରେଖା ତଥ୍ୟ ସର୍ବେକ୍ଷଣ କରାଯିବ।
- ୨୦ଟି ଲୋକସୂଚନା ବୋର୍ଡ଼ (କାନ୍ଥରେ ଚିତ୍ର, କାନ୍ଥ ତିଆରି ସୂଚନା ବୋର୍ଡ଼ ପ୍ରସ୍ତୁତି ଏବଂ ଲେଖିବା) ଲଗାଯିବ।
- ୧ଟି ମଧ୍ୟବର୍ତ୍ତୀକାଳୀନ ସମୀକ୍ଷା କରାଯିବ।
- ୩ ବର୍ଷ ମଧ୍ୟରେ ୩ଟି ସାମାଜିକ ସମୀକ୍ଷା କରାଯିବ।

ଭାରତ ସରକାରଙ୍କର ଏହି ପ୍ରକଳ୍ପରେ ଛଅଟି ଅନୁଷ୍ଠାନ 'ମାଧମ ଫାଉଣ୍ଡେସନ୍'ଙ୍କ ଅଧକ୍ଷତାରେ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବେ। ଏହି ପ୍ରକଳ୍ପ ପାଇଁ 'ଜାତୀୟ ଗ୍ରାମୀଣ ଜୀବିକା ମିଶନ' ଓ 'ସାର୍ ଦୋରାବ୍‌ଜୀ ଟାଟା ଟ୍ରଷ୍ଟ', ମୁମ୍ବାଇଙ୍କ ଦ୍ୱାରା ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ପ୍ରକଳ୍ପର ଅନୁମୋଦନ ଅନୁଯାୟୀ ପ୍ରତ୍ୟେକ ସହଯୋଗୀ ଅନୁଷ୍ଠାନ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ସେମାନଙ୍କର ଦାୟିତ୍ୱ, କର୍ତ୍ତବ୍ୟ, ଅଟକଳର ସୁବିନିଯୋଗ ଓ ପ୍ରକଳ୍ପର ସମ୍ପାଦନ ପାଇଁ ଏକ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ମାଧମ ଫାଉଣ୍ଡେସନ୍‌ରେ ପ୍ରକଳ୍ପର ସଂଯୋଜନା ପାଇଁ ଏକ ସଚିବାଳୟ ଗଠନ କରାଯାଇଛି ଓ ପ୍ରତ୍ୟେକ ସହଭାଗୀ ଅନୁଷ୍ଠାନ ସ୍ତରରେ ପ୍ରକଳ୍ପ କର୍ମୀଙ୍କୁ ନିୟୋଜିତ କରାଯାଇଛି। ଏହାଛଡ଼ା ଏହି ପ୍ରକଳ୍ପର ଆର୍ଥିକ ପରିଚାଳନା ପାଇଁ ମାଧମ ଫାଉଣ୍ଡେସନ୍ ତଥା ସହଭାଗୀ ଅନୁଷ୍ଠାନମାନେ ନିଜ ନିଜର ସ୍ୱତନ୍ତ୍ର ବ୍ୟାଙ୍କ ଖାତା ଖୋଲିଛନ୍ତି। ପ୍ରତ୍ୟେକ ସହଭାଗୀ ଅନୁଷ୍ଠାନ ନିଜର ମାସିକ ଓ ତ୍ରୟମାସିକ କାର୍ଯ୍ୟର ବିବରଣୀ ମାଧମ ଫାଉଣ୍ଡେସନ୍‌କୁ ପ୍ରଦାନ କରିବେ ଓ ମାଧମ ଫାଉଣ୍ଡେସନ୍ ଏହି ବିବରଣୀକୁ ଏକତ୍ରିକରଣ କରି ଜାତୀୟ ଗ୍ରାମୀଣ ଜୀବିକା ମିଶନ ଓ ସାର୍ ଦୋରାବଜୀ ଟାଟା ଟ୍ରଷ୍ଟକୁ ତ୍ରୟ ମାସିକ, ଅର୍ଦ୍ଧ ବାର୍ଷିକ ବିବରଣୀ ପ୍ରଦାନ କରିବେ।

ପ୍ରକଳ୍ପର କାର୍ଯ୍ୟକାରିତା ଲାଗି ଆର୍‌ସିଡିସି ଦ୍ୱାରା ଗୁଣପୁର ଓ ମୁନିଗୁଡ଼ା ଠାରେ ମହିଳା କିଷାନ୍ ସଶକ୍ତିକରଣ ପରିଯୋଜନା କାର୍ଯ୍ୟାଳୟ ନିୟମିତ ଭାବରେ କାର୍ଯ୍ୟ କରୁଛି।

# ମହିଳା କିଷାନମାନଙ୍କର ଜୀବନଜୀବିକାର ସୁରକ୍ଷା ପରିଯୋଜନା ଆର୍ଥିକ ଚିଠା

## ପ୍ରକଳ୍ପର ସମୟସୀମା ୩ବର୍ଷ (ଜୁନ୍ ୨୦୧୩-ମେ ୨୦୧୬) (ଅଟକଳ ମୂଲ୍ୟ)

| କ୍ର.ସଂ | କାର୍ଯ୍ୟକ୍ରମ | ମୋଟ ପ୍ରକଳ୍ପ ମୂଲ୍ୟ | ଏନ୍ଆର୍ଏଲ୍ଏମ୍ (ସହଯୋଗ ରାଶି) | ଏସ୍ଡିଟିଟି (ସହଯୋଗ ରାଶି) |
|---|---|---|---|---|
| ୧. | ମହିଳା କିଷାନ୍ମାନଙ୍କର ପ୍ରାଥମିକ ତଥ୍ୟ ସଂଗ୍ରହ ଓ ନଥିକରଣ | ୪୪୦୦୦.୦୦ | ୩୩୦୦୦.୦୦ | ୧୧୦୦.୦୦ |
| ୨. | ଉତ୍ପାଦକ ଗୋଷ୍ଠୀ ଓ ଅନୁଷ୍ଠାନ ଗଠନ (ଉତ୍ପାଦକ ଗୋଷ୍ଠୀ ଗଠନ, ସୁଦୃଢ଼ୀକରଣ, ରେକର୍ଡ଼ ପତ୍ର ପ୍ରସ୍ତୁତି, ଉତ୍ପାଦକ ସମବାୟ ଗଠନ (ସମବାୟ ନେତ୍ରୀମାନଙ୍କର ତାଲିମ୍ ଓ ସମବାୟ ପରିଚାଳନା) | ୫୩୨୬୭୦.୦୦ | ୩୯୯୫୦୨.୫୦ | ୧୩୩୧୬୭.୫୦ |
| ୩. | ତାଲିମ୍ ଉପକରଣ (ପିକୋ ପ୍ରୋଜେକ୍ଟର, ଚିରନ୍ତନ କୃଷି, ଶ୍ରୀ ଓ ତାଲିମ୍ ଉପକରଣ) | ୭୬୯୯୭୫.୦୦ | ୫୭୭୪୮୧.୨୫ | ୧୯୨୪୯୩.୭୫ |
| ୪. | ଗୋଷ୍ଠୀ ସାଧନ କର୍ମୀଙ୍କ ତାଲିମ୍ (‘ଶ୍ରୀ’ ଚାଷ ପ୍ରଣାଳୀ, କୋଡାଖୋସା, ମୃତ୍ତିକା ପରୀକ୍ଷା, ଶସ୍ୟ ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ଜୈବିକ ପଦ୍ଧତିରେ ପନିପରିବା, କ୍ଷୁଦ୍ର ଶସ୍ୟ ଦାନା, ଡାଲି ଜାତୀୟ ଶସ୍ୟ, ବିହନ ଚୟନ, ଉପଚାର, ସାଇତି ରଖିବା, ଗୁଣ ଅନୁଯାୟୀ ଅଲଗା କରିବା ଓ ଛେଳି ପାଳନ) | ୪୪୦୦୦୦.୦୦ | ୩୩୦୦୦୦.୦୦ | ୧୧୦୦୦୦.୦୦ |
| ୫. | ମହିଳା କିଷାନ୍ଙ୍କୁ ତାଲିମ୍ (‘ଶ୍ରୀ’ ଚାଷ ପ୍ରଣାଳୀ, କୋଡାଖୋସା, ମୃତ୍ତିକା ପରୀକ୍ଷା, ଶସ୍ୟ ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ଜୈବିକ ପଦ୍ଧତିରେ ପନିପରିବା, କ୍ଷୁଦ୍ର ଶସ୍ୟ ଦାନା, ଡାଲି ଜାତୀୟ ଶସ୍ୟ, ବିହନ ଚୟନ, ଉପଚାର, ସାଇତି ରଖିବା, ଗୁଣ ଅନୁଯାୟୀ ଅଲଗା କରିବା ଓ ଛେଳି ପାଳନ) | ୩୦୫୧୦୦୦.୦୦ | ୨୨୮୮୨୫୦.୦୦ | ୭୬୨୭୫୦.୦୦ |

| କ୍ର.ସଂ | କାର୍ଯ୍ୟକ୍ରମ | ମୋଟ ପ୍ରକଳ୍ପ ମୂଲ୍ୟ | ଏନ୍ଆର୍ଏଲ୍ଏମ୍ (ସହଯୋଗ ରାଶି) | ଏସ୍‌ଡିଟିଟି (ସହଯୋଗ ରାଶି) |
|---|---|---|---|---|
| ୬. | ତାଲିମ୍, ବାହ୍ୟ ପରିଦର୍ଶନ, ଜିଲ୍ଲାସ୍ତରୀୟ କର୍ମଶାଳା, ଗୋଷ୍ଠୀ ସାଧନ କର୍ମୀ (CRP) ଓ ପାରା ପ୍ରଫେସନାଲ (Para Professional) ମାନଙ୍କର ସେବା ମୂଲ୍ୟ | ୬୮୪୭୦୫୦.୦୦ | ୫୧୩୫୨୮୭.୦୦ | ୧୭୧୧୭୬୨.୦୦ |
| ୭. | ଗୋଷ୍ଠୀ ଭିତ୍ତିଭୂମି (ମହିଳା ଉତ୍ପାଦକ ସମବାୟକୁ ସହଯୋଗ) | ୨୨୫୦୦୦.୦୦ | ୧୬୮୭୫୦.୦୦ | ୫୬୨୫୦.୦୦ |
| ୮. | ମହିଳା କିଷାନ୍‌ଙ୍କୁ ସହାୟତା (ଖମ୍ବଆଳୁ ଓ ଶିମିଳି କନ୍ଦା ବିହନ, ଜୈବିକ ସାର, କୀଟନାଶକ ଓ କୃଷି ଉପକରଣ (ଖୁସୁଣି, ଉନ୍ନତମାନର ଦାଆ, ଘାସ ବଛା ଯନ୍ତ୍ର, ସିଞ୍ଚନ ଯନ୍ତ୍ର, ବିନା ଶକ୍ତିରେ ପରିଚାଳିତ ସିଞ୍ଚନ ଯନ୍ତ୍ର) | ୭୦୪୦୦୦୦.୦୦ | ୫୨୮୦୦୦୦.୦୦ | ୧୭୬୦୦୦୦.୦୦ |
| ୯. | ମହିଳା ଉତ୍ପାଦକ ଗୋଷ୍ଠୀକୁ ସହାୟତା (ଘାସ ବଛା ଯନ୍ତ୍ର, ମୃତ୍ତିକା ପରିକ୍ଷା ଉପକରଣ, ଓଜନ ମାପକ ଯନ୍ତ୍ର, ପାତ୍ର, ପ୍ଲାଷ୍ଟିକ ପାତ୍ର, ଛେଳି ଓ କାର୍ଯ୍ୟକାରୀ ପୁଞ୍ଜି) | ୬୫୯୯୦୦୦.୦୦ | ୪୯୪୯୨୫୦.୦୦ | ୧୬୪୯୭୫୦.୦୦ |
| ୧୦. | ଉତ୍ପାଦକ ସମବାୟର ପରିଚାଳନା ପାଣ୍ଠି (ବିହନ ପାଣ୍ଠି, କାର୍ଯ୍ୟକାରୀ ପୁଞ୍ଜି) | ୩୦୦୦୦୦.୦୦ | ୨୨୫୦୦୦.୦୦ | ୭୫୦୦୦.୦୦ |
| ୧୧. | ଜ୍ଞାନ ପରିଚାଳନା (ସଫଳ ଅଭ୍ୟାସର ଚିହ୍ନଟିକରଣ, ପ୍ରସ୍ତୁତିକରଣ ଏବଂ ପ୍ରଚାର) | ୨୪୦୦୦୦.୦୦ | ୧୮୦୦୦୦.୦୦ | ୬୦୦୦୦.୦୦ |
| ୧୨. | ତଦାରଖ ଓ ସମୀକ୍ଷା (ଭିତ୍ତିରେଖା ଓ ଶେଷ ରେଖାର ତଥ୍ୟ ସର୍ବେକ୍ଷଣ, ଜନସୂଚନା ବୋର୍ଡ୍, ସାମାଜିକ ସମୀକ୍ଷା ଓ ସୂଚନା ପରିଚାଳନା) | ୧୫୩୧୦୦୦.୦୦ | ୧୧୪୮୨୫୦.୦୦ | ୩୮୨୭୫୦.୦୦ |
| ୧୩. | ପ୍ରଶାସନିକ ଖର୍ଚ୍ଚ | ୯୧୮୦୦୦.୦୦ | ୬୮୮୫୦୦.୦୦ | ୨୨୯୫୦୦.୦୦ |
| | **ମୋଟ** | ୨୮୫୩୭୬୯୫.୦୦ | ୨୧୪୦୩୨୭୧.୨୫ | ୭୧୩୪୪୨୩.୭୫ |



# ଆର୍‌ସିଡିସି ସମ୍ପର୍କରେ

ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍ (ଆର୍‌ସିଡିସି) ଏକ ସ୍ୱେଚ୍ଛାସେବୀ ସଂଗଠନ ଓ ଏହା ସୋସାଇଟି ପଞ୍ଜିକରଣ ଆଇନ ୧୮୬୦ ଓ ଭାରତ ସରକାରଙ୍କର ବିଦେଶ ଅନୁଦାନ (ନିୟନ୍ତ୍ରଣ) ଆଇନ ୧୯୭୬ ଦ୍ୱାରା ପଞ୍ଜିକୃତ ଅଟେ। ୧୯୯୩ ମସିହାରୁ ଜନ୍ମଲାଭ କରି ଆର୍‌ସିଡିସି ପ୍ରାକୃତିକ ସମ୍ବଳର ଚିରସ୍ଥାୟୀ ପରିଚାଳନା କରି ଲୋକମାନଙ୍କୁ ଶକ୍ତିକରଣ କରିବା ସଙ୍ଗେ ସଙ୍ଗେ ଉନ୍ନୟନ କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ସ୍ୱାକ୍ଷର ବହନ କରିବା ଲକ୍ଷ୍ୟ ନେଇ ଅଗ୍ରସର ହୋଇଛି। ନିଜର ସୃଷ୍ଟି ହେବାଠାରୁ ଆର୍‌ସିଡିସି ଓଡ଼ିଶାରେ ପ୍ରାକୃତିକ ସମ୍ବଳ ପରିଚାଳନା ଏବଂ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ ନିଜର ପରିଚୟ ସୃଷ୍ଟି କରିଛି। ଜୀବନଧାରଣର ମାନକୁ ଉନ୍ନତ କରିବା, ଦାରିଦ୍ର୍ୟର ଅବସାନ ଘଟାଇବା ପାଇଁ ନିଜ ଅଞ୍ଚଳରେ ଥିବା ପ୍ରାକୃତିକ ସମ୍ବଳର ସଠିକ୍ ଓ ଉତ୍ତମ ପରିଚାଳନା ଗ୍ରାମଗୋଷ୍ଠୀମାନେ କରିପାରିବେ। ଆର୍‌ସିଡିସି ବିଶ୍ୱାସ କରେ ଯେ, ଗ୍ରାମଗୋଷ୍ଠୀଙ୍କ ନିକଟରେ ପାରମ୍ପରିକ ଜ୍ଞାନ କୌଶଳ, ବୁଦ୍ଧି ଓ ଦକ୍ଷତା ରହିଛି। ସେମାନେ ଏହାକୁ ଉପଯୋଗ କରି ପ୍ରାକୃତିକ ସମ୍ବଳର ସୁପରିଚାଳନା ପୂର୍ବକ ଆସୁଥିବା ବିକାଶ ଜନିତ ସମସ୍ୟାର ମୁକାବିଲା କରିପାରିବେ। ବର୍ତ୍ତମାନ ଆର୍‌ସିଡିସି ଜୀବନ ଜୀବିକାର ଅଭିବୃଦ୍ଧି ଏବଂ ଗୋଷ୍ଠୀ ଆଧାରିତ ପ୍ରାକୃତିକ ସମ୍ବଳ ପରିଚାଳନା ସମ୍ପର୍କିତ କ୍ଷେତ୍ରୀୟ ପ୍ରଦର୍ଶନୀ, କାର୍ଯ୍ୟକ୍ରମ ସହିତ ପକ୍ଷ ସମର୍ଥନ, ପାରସ୍ପରିକ ସମ୍ପର୍କ ବୃଦ୍ଧି ଓ ନୀତି ସମ୍ବଳିତ ଅନୁସନ୍ଧାନ ଏବଂ ଅଧ୍ୟୟନ କ୍ଷେତ୍ରରେ କାର୍ଯ୍ୟ କରୁଛି।

## ଆମର ସ୍ୱପ୍ନ

ଅଧିକାରଗୁଡ଼ିକୁ ମାନ୍ୟତା, ସମ୍ବଳ କ୍ଷେତ୍ରରେ ମାଲିକାନା ଓ ଦାରିଦ୍ର୍ୟର ଅବସାନ

## ଆମର ଅଭିଳାଷ

ସମ୍ବଳ, ସୁବିଧା ସୁଯୋଗ, ଅନୁଷ୍ଠାନ ଏବଂ କାର୍ଯ୍ୟଧାରା କ୍ଷେତ୍ରରେ ଗରିବ ଓ ଉପେକ୍ଷିତ ବ୍ୟକ୍ତି ବିଶେଷଙ୍କର ଅଧିକାର ପାଇଁ ଲଢ଼େଇ କ୍ଷେତ୍ରରେ ସହାୟକ ଭୂମିକା ଗ୍ରହଣ କରିବା।

## ଲକ୍ଷ୍ୟ ହାସଲ ପ୍ରଣାଳୀ

- ଆବଶ୍ୟକତା ଭିତ୍ତିକ ଓ ସ୍ଥାନ ଅନୁଯାୟୀ କାର୍ଯ୍ୟକ୍ରମ
- ଲୋକକୈନ୍ଦ୍ରିକ କାର୍ଯ୍ୟକ୍ରମ
- ଚିରସ୍ଥାୟୀ ବିକାଶ ପ୍ରତି ଧ୍ୟାନ
- ଗରିବ ଓ ମହିଳା ଲୋକମାନଙ୍କର ଅଧିକରୁ ଅଧିକ ଅଂଶଗ୍ରହଣ

## ବିକାଶ ପଦ୍ଧତି

ସହଭାଗୀ ବିକାଶରେ ଆର୍‌ସିଡିସି ବିଶ୍ୱାସ କରେ। ଉଭୟ ପ୍ରାଥମିକ ଓ ମଧ୍ୟମିକ ଅଂଶଗ୍ରହଣକାରୀଙ୍କ ମିଳିତ ସହଯୋଗରେ ସମସ୍ତ ଯୋଜନା ପ୍ରସ୍ତୁତ କରାଯାଇଥାଏ। ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ସମାଜର ତଳ ସ୍ତରରେ ଥିବା ଗ୍ରାମଗୋଷ୍ଠୀ ଏବଂ ଭୌଗୋଳିକ ଦୃଷ୍ଟିକୋଣରୁ ବିକାଶଧାରାରେ ସାମିଲ ହୋଇନଥିବା ଗ୍ରାମଗୋଷ୍ଠୀମାନଙ୍କ ଜୀବନ ଜୀବିକାର ସୁରକ୍ଷା, ସାମାଜିକ ପ୍ରତିଷ୍ଠା, ସାମ୍ବିଧାନିକ ଅଧିକାର ପାଇଁ ଆର୍‌ସିଡିସି କାମ କରିଆସୁଛି। ବିଭିନ୍ନ ସରକାରୀ ବିଭାଗ ଓ ସଂସ୍ଥା, ସ୍ୱେଚ୍ଛାସେବୀ ସଂଗଠନ, ଗଣମାଧ୍ୟମ, ଗ୍ରାମଗୋଷ୍ଠୀ ତଥା ବ୍ୟକ୍ତିବିଶେଷଙ୍କ ସହ ସମନ୍ୱୟ ଓ ଯୋଗସୂତ୍ର ସ୍ଥାପନ ପୂର୍ବକ ମିଳିତ ବିକାଶ ଯୋଜନା।

- ନୀତିଗତ ପରିବର୍ତ୍ତନ ପାଇଁ ପକ୍ଷ ସମର୍ଥନ କାର୍ଯ୍ୟକ୍ରମ କ୍ଷେତ୍ରରେ ବିଭିନ୍ନ ସମ୍ବଳ ସଂସ୍ଥା ଓ ଅଭିଜ୍ଞ ବ୍ୟକ୍ତିଙ୍କ ସହିତ ମିଶି କାର୍ଯ୍ୟ କରିବା।
- ବିଭିନ୍ନ ଆଇନ, ନୀତି ନିୟମ ଓ କାର୍ଯ୍ୟକ୍ରମ ପ୍ରଣୟନରେ ନିୟମିତ ସୂଚନା ଓ ତଥ୍ୟ ପ୍ରଦାନ ନିମନ୍ତେ ନୀତି ନିର୍ଦ୍ଧାରକ ସଂସ୍ଥାଙ୍କ ସହିତ ଦୀର୍ଘମିଆଦି ସମ୍ପର୍କ ସୃଷ୍ଟି।
- ତଥ୍ୟ ଓ ସୂଚନାର ଆଦାନପ୍ରଦାନ, ସଚେତନତା ସୃଷ୍ଟି, ଗରିବ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ନୀତିକୁ ପ୍ରଭାବିତ କରିବା ପାଇଁ ପକ୍ଷ ସମର୍ଥନ। କାର୍ଯ୍ୟକ୍ରମ କ୍ଷେତ୍ରରେ ଉଭୟ ସ୍ଥାନୀୟ ଏବଂ ଆନ୍ତର୍ଜାତୀୟ ସଂଗଠନମାନଙ୍କ ସହିତ କାର୍ଯ୍ୟ କରିବା।
- ବିଭିନ୍ନ ବିକାଶମୂଳକ ସମସ୍ୟା, ବିଭିନ୍ନ ପରିବେଶରେ ଅଂଶୀଦାରମାନଙ୍କ ସହ ମିଶି କାମ କରିବା ଓ ସାମୁହିକ ରୂପେ ସମସ୍ୟାମାନଙ୍କର ସମ୍ମୁଖୀନ ହେବା।
- ଗ୍ରାମ, ପଞ୍ଚାୟତ, ଜିଲ୍ଲା ଓ ରାଜ୍ୟ ସ୍ତରରେ ସଂଗଠନଗୁଡ଼ିକୁ ସୁଦୃଢ଼ କରିବା, ସେମାନଙ୍କ ଦ୍ୱାରା ବିଭିନ୍ନ ଯୋଜନାବଦ୍ଧ କାର୍ଯ୍ୟକ୍ରମ ପ୍ରଣୟନ ଓ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଦୃଷ୍ଟି ରଖିବା।
- ସମସ୍ତ ବିକାଶମୂଳକ ପ୍ରକ୍ରିୟାରେ ମହିଳାଙ୍କ ଅଂଶଗ୍ରହଣକୁ ଗୁରୁତ୍ୱ ଦେବା।

## ଆର୍‌ସିଡିସିର କାର୍ଯ୍ୟକ୍ଷେତ୍ର

ଆର୍‌ସିଡିସିର ମୁଖ୍ୟ କାର୍ଯ୍ୟକ୍ଷେତ୍ର ଓଡ଼ିଶା ଅଟେ। ଏହା ବ୍ୟତୀତ ଅଧ୍ୟୟନ, ଅନୁସନ୍ଧାନ, ପକ୍ଷ ସମର୍ଥନ ଓ ନେଟ୍‌ୱାର୍କ କ୍ଷେତ୍ରରେ ଆର୍‌ସିଡିସି କେନ୍ଦ୍ର ଭାରତୀୟ ରାଜ୍ୟମାନଙ୍କ ସହ ମିଶି କାର୍ଯ୍ୟ କରିଥାଏ। ଓଡ଼ିଶାର ୧୫ଟି ଜିଲ୍ଲାର ୧୦୩୫ ଗ୍ରାମରେ ଆର୍‌ସିଡିସିର କାର୍ଯ୍ୟକ୍ରମ ଚାଲୁ ରହିଛି।

## କେଉଁମାନଙ୍କ ପାଇଁ କାର୍ଯ୍ୟକ୍ରମ ଉଦ୍ଦିଷ୍ଟ

- ଜଙ୍ଗଲ ସୁରକ୍ଷାକାରୀ ଗ୍ରାମଗୋଷ୍ଠୀ
- ଗରିବ ଓ ସାମାଜିକ ତଥା ଆର୍ଥିକ ଦୃଷ୍ଟିରୁ ଅବହେଳିତ
- ଜଙ୍ଗଲ ନିବାସୀ ଓ ଜଙ୍ଗଲ ନିର୍ଭରଶୀଳ ଗ୍ରାମଗୋଷ୍ଠୀ
- କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭାଗଚାଷୀ
- ମହିଳା ଓ ଶିଶୁ, ସ୍ୱୟଂ ସହାୟକ ଗୋଷ୍ଠୀ
- ସ୍ଥାନୀୟ ସ୍ୱାୟତ ଶାସନ ସଂସ୍ଥା
- ବିଭିନ୍ନ ସରକାରୀ ସଂସ୍ଥା ଯେଉଁମାନେ ପ୍ରାକୃତିକ ସମ୍ବଳ କ୍ଷେତ୍ରରେ କାର୍ଯ୍ୟରତ

**ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍**
ଏଚ୍‌ଆଇଜି-୨୬, କେ-୬, ଫେଜ୍-୨, କଳିଙ୍ଗ ବିହାର, ଭୁବନେଶ୍ୱର-୭୫୧ ୦୧୯, ଓଡ଼ିଶା
ଟେଲିଫାକ୍ସ: +୯୧ ୬୭୪ ୨୪୭୫୪୧୦, ୨୪୭୫୬୫୨
ଇ-ମେଲ୍: rcdcbbsr@bsnl.in, rcdcbbsr@gmail.com
ୱେବ୍‌ସାଇଟ୍ : www.rcdcindia.org, www.banajata.org